بسم الله الرحمن الرحيم

**ଖୁତ୍‌ବା ଜୁମା ୧୯ ଅଗଷ୍ଟ ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ଟେଲ୍‌ଫୋର୍ଡ ୟୁ.କେ**

# ହ. ଅବୁ ବକର ର.ଅଙ୍କ କାଳରେ ଆରବ ବହିର୍ଭୂତ ଦେଶରେ ବିରୋଧୀ ଆକ୍ରମଣକାରୀଙ୍କ ବିରୁଦ୍ଧରେ ହୋଇଥିବା ଯୁଦ୍ଧର ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ଵାଲ୍ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ; ବଦ୍‌ରୀ ସାହାବାମାନଙ୍କ ଚର୍ଚ୍ଚା କ୍ରମରେ ଆଜି ହ. ଅବୁ ବକର ର.ଅଙ୍କ ଖିଲାଫେତ୍ କାଳରେ ସିରୀୟା ଅଭିମୁଖେ ଅଗ୍ରସର ସୈନ୍ୟବାହିନୀ ସଂପର୍କରେ ଚର୍ଚ୍ଚା କରିବି ।

ଯେତେବେଳେ ହ. ଅବୁ ବକର ର.ଅ ବିଦ୍ରୋହୀ ଧର୍ମଦ୍ରୋହୀମାନଙ୍କର ମୂଳୋତ୍ପାଟନରୁ ବିରତ ହେଲେ ଏବଂ ଆରବ ଦେଶ ଯେତେବେଳେ ସୁଦୃଢ ହେଲା ସେତେବେଳେ ଆରବ ସୀମା ବାହାର ବିରୋଧୀ ଆକ୍ରମଣକାରୀଙ୍କ ମଧ୍ୟରୁ ରୋମବାସୀ, ସିରୀୟାବାସୀ ସହିତ ଯୁଦ୍ଧ କରିବା ପ୍ରସଙ୍ଗରେ ହ. ଅବୁ ବକର ର.ଅ ଚିନ୍ତା କଲେ । କୈସରେ ରୋମ୍ (ରୋମ୍‌ର ମହାରାଜାଙ୍କୁ କୈସରେ ରୋମ୍ ଉପାଧିରେ ଆଖ୍ୟାୟିତ କରାଯାଏ)ଙ୍କ କିନ୍ତୁ ବର୍ତ୍ତମାନ ସୁଦ୍ଧା କାହାରିକୁ ତତ୍‌ସଂକ୍ରାନ୍ତରେ ଅବଗତ କରାଯାଇ ନଥିଲା । ଏହି ଚିନ୍ତା ଏବଂ ଦୁବିଧା ମଧ୍ୟରେ ହ. ଶର୍ ହୁବୈଲ୍ ବିନ୍ ହସ୍‌ନା ଆପଣ ର.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ; ହେ ରସୂଲଙ୍କ ଖଲିଫା ! କ'ଣ ଆପଣ ସିରୀୟରେ ସୈନ୍ୟ ଚଢଉ ସଂପର୍କରେ ଚିନ୍ତା କରୁଛନ୍ତି କି ? ଆପଣ ର.ଅ କହିଲେ ! ହଁ, ସ୍ଥିର ତ' କରିଛି ସତ କିନ୍ତୁ ତତ୍‌ସଂକ୍ରାନ୍ତରେ ବର୍ତ୍ତମାନ ସୁଦ୍ଧା କାହାରିକୁ ସୂଚିତ କରିନାହିଁ । ତେବେ ତୁମେ କେଉଁ କାରଣରୁ ମୋତେ ଏହି ପ୍ରଶ୍ନଟି କରୁଛ ? ଶର୍ ହୁବୈଲ୍ କହିଲେ ଯେ, ମୁଁ ଏକ ସ୍ୱପ୍ନ ଦେଖିଛି । ଅତଃ ସେ ନିମ୍ନ ଲିଖିତ ବିଷୟ ବସ୍ତୁ ଉପସ୍ଥାପନ କଲେ ।

ହ. ଅବୁ ବକର ର.ଅ ଦୀର୍ଘ ସ୍ୱପ୍ନ ସଂପର୍କରେ ଶୁଣି ଆଦେଶ ଦେଲେ : ହେ ଶର୍ ହୁବୈଲ୍ ! ତୁମର ଚକ୍ଷୁ ଶୀତଳ ହୋଇଯାଉ । ତୁମେ ଯେଉଁ ସ୍ୱପ୍ନ ଦେଖିଛ ତାହା ଅତ୍ୟନ୍ତ ଉତ୍ତମ ଅଟେ ଏବଂ **ଇନ୍‌ଶାଅଲ୍ଲାଃ** ତାହା ଶୁଭ ମଧ୍ୟ ହେବ । ତୁମେ ଉକ୍ତ ସ୍ୱପ୍ନରେ ବିଜୟର ଶୁଭ ସମାଚାର ଏବଂ ମୋ ମୃତ୍ୟୁର ମଧ୍ୟ ସୂଚନା ପ୍ରଦାନ କରିଛ । ଏ କଥା କହି ହ. ଅବୁ ବକର ର.ଅଙ୍କ ଆଖିରୁ ଲୁହଧାର ବହିଗଲା । ଏହାପରେ ହ. ଅବୁ ବକର ର.ଅ ଶର୍ ହୁବୈଲ୍ ର.ଅଙ୍କ ସ୍ୱପ୍ନର ସଂପୂର୍ଣ୍ଣ ଅର୍ଥ ବର୍ଣ୍ଣନା କଲେ, ଯହିଁରେ ସଂପୂର୍ଣ୍ଣ ବିଜୟ ସହିତ ଆପଣ ର.ଅଙ୍କ ବିୟୋଗର ସୂଚନା ମଧ୍ୟ ନିହିତ ରହିଥିଲା ।

ସେ ଯାହା ହେଉ ନା କାହିଁକି ଯେତେବେଳେ ହ. ଅବୁ ବକର ର.ଅ ସିରୀୟା ବିଜୟ କରିବାକୁ ସୈନ୍ୟ ପ୍ରସ୍ତୁତ କରିବା ପାଇଁ ଇଚ୍ଛା ପ୍ରକାଶ କଲେ ସେତେବେଳେ ଆପଣ ର.ଅ ପରାମର୍ଶ ପାଇଁ ହ. ଉମର୍, ହ. ଉସ୍‌ମାନ୍, ହ. ଅଲୀ, ହ. ଅବ୍‌ଦୁର୍ ରେହମାନ୍ ବିନ୍ ଅଓଫ୍, ହ. ତଲିହା, ହ. ଜୁବୈର୍, ହ. ସାଆଦ୍ ବିନ୍ ଅବି ୱକ୍କାସ୍, ହ. ଅବୁ ଉବୈଦାହ୍ ବିନ୍ ଅଲ୍ ଜର୍ରାହ୍ ଓ ବଦର୍ ଯୋଦ୍ଧାମାନଙ୍କ ମଧ୍ୟରୁ ବରିଷ୍ଠ ପ୍ରବାସକାରୀ ତଥା ଅନ୍‌ସାର୍‌ମାନଙ୍କୁ ଏବଂ ସେହିପରି ଅନ୍ୟ ସାହାବାମାନଙ୍କୁ ବରାଦ୍ କରି ଡକାଇଲେ । ସୁତରାଂ ଯେତେବେଳେ ଏହି ସମସ୍ତ ସାହାବାମାନେ ଆପଣ ର.ଅଙ୍କ ସେବାରେ ଉପସ୍ଥିତ ହେଲେ ସେତେବେଳେ ଆପଣ ର.ଅ କହିଲେ; ଅଲ୍ଲାଃତାଲାଙ୍କ ପୁରସ୍କାର ଅପାର ଏବଂ ଅସଂଖ୍ୟ ଅଟେ । ସେହି ଅପାର ଦୟା ଓ ପୁରସ୍କାରର ପ୍ରତିବଦଳ କର୍ମ ହୋଇପାରିବ ନାହିଁ । ତେଣୁ ତୁମେମାନେ ଏହି କଥା ଉପରେ ଅଲ୍ଲାଃତାଲାଙ୍କର ଅତ୍ୟଧିକ ମହିମା ଗାନ କର । କାରଣ ସେ ତୁମମାନଙ୍କ ଉପରେ ଦୟାବତୀର୍ଣ୍ଣ କରିଛନ୍ତି ଏବଂ ତୁମମାନଙ୍କୁ ଏକ କଲ୍‌ମା (ଐଶ୍ୱରିକ ବଚନ **ଲା ଇଲାହା ଇଲ୍ଲଲ୍ଲାଃହୁ ମୁହମ୍ମଦୁର୍ ରସୁଲୁଲ୍ଲାହ**) ଉପରେ ଏକତ୍ରିତ କରିଛନ୍ତି । ଆଜି ସମଗ୍ର ଆରବବାସୀ ଏକ ଜାତି ଓ ଗୋଟିଏ ଜନନୀ ଓ ପିତାର ସନ୍ତାନ ଅଟନ୍ତି । ମୋର ଏହି ମତାମତ ରହିଛି ଯେ, ମୁଁ ଏହି ସୈନ୍ୟବାହିନୀକୁ ରୋମୀୟବାସୀଙ୍କ ସହିତ ଯୁଦ୍ଧ କରିବା ପାଇଁ ସିରୀୟା ପ୍ରେରଣ କରିବି । ତେଣୁ ଉକ୍ତ ସୈନ୍ୟବାହିନୀ ମଧ୍ୟରୁ ଯେଉଁ ବ୍ୟକ୍ତି ଉକ୍ତ ଯୁଦ୍ଧରେ ମୃତ୍ୟୁ

ବରଣ କରେ ତେବେ ସେ ବୀରଗତି ପ୍ରାପ୍ତ କଲା ଏବଂ ଯେଉଁ ବ୍ୟକ୍ତି ଜୀବିତ ରହିଲା ସେ ଇସ୍‌ଲାମ୍ ଧର୍ମର ପ୍ରତିରକ୍ଷା ପାଇଁ ନିଜର ଦାୟିତ୍ୱ ନିର୍ବାହ କରିବ ।

ହ. ଉମର୍ ବିନ୍ ଖତ୍ତାବ୍ ର.ଅ କହିଲେ : ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଆମେମାନେ ପୁଣ୍ୟର ଯେକୌଣସି ପ୍ରସଙ୍ଗରେ ଆଗକୁ ଅଗ୍ରସର ହେବାକୁ ଚାହିଁଲୁ କିନ୍ତୁ ଆପଣ ର.ଅ ଉକ୍ତ ପୁଣ୍ୟରେ ଆମମାନଙ୍କ ଠାରୁ ଆହୁରି ଅଧିକ ଆଗକୁ ବଢି ଗଲେ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଯେ, ମୁଁ ଏହି ଅଭିପ୍ରାୟ ସକାଶେ ଆପଣ ର.ଅଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଚାହୁଁଥିଲି । ନିଃସନ୍ଦେହ ହ. ଅବୁ ବକର ର.ଅଙ୍କ ରାଏ ସଠିକ୍ ଏବଂ ଅଲ୍ଲାଃତାଲା ତାଙ୍କର ସଠିକ୍ ଭାବରେ ମାର୍ଗ ଦର୍ଶନ କରିଥିଲେ । ସମସ୍ତ ଉପସ୍ଥିତ ସଭାମଣ୍ଡଳୀ ମଧ୍ୟ ହ. ଅବୁ ବକର ର.ଅଙ୍କ ଉକ୍ତ ରାଏକୁ ସମର୍ଥନ ଜଣାଇଥିଲେ ଏବଂ କହିଲେ; ଆମେମାନେ ଆପଣ ର.ଅଙ୍କ କଥା ଶୁଣିବୁ ଏବଂ ଅବଶ୍ୟ ଆଜ୍ଞା ପାଳନ କରିବୁ । ଆମେମାନେ କଦାପି ଅବଜ୍ଞା ପ୍ରଦର୍ଶନ କରିବୁ ନାହିଁ ଏବଂ ଆପଣ ର.ଅଙ୍କ ଆହ୍ୱାନକୁ ସମର୍ଥନ ମଧ୍ୟ ଜଣାଇବୁ ।

ହ. ବିଲାଲ୍ ର.ଅ ଆପଣ (ହ. ଅବୁ ବକର ର.ଅ) ର.ଅଙ୍କ ଆଦେଶ କ୍ରମେ ସର୍ବସାଧାଣରେ ଏହି ଘୋଷଣା କଲେ ଯେ, ହେ ଲୋକମାନେ ! ନିଜର ରୋମୀୟ ଶତ୍ରୁଙ୍କ ସହିତ ଯୁଦ୍ଧ କରିବା ପାଇଁ ସିରୀୟା ଅଭିମୁଖେ ପ୍ରସ୍ଥାନ କର ଏବଂ ହ. ଖାଲିଦ୍ ବିନ୍ ସଇଦ୍ ର.ଅ ମୁସଲମାନମାନଙ୍କର ଅମୀର୍ ହେବେ । ସିରୀୟା ବିଜୟ କ୍ରମରେ ସର୍ବ ପ୍ରଥମେ ହ. ଅବୁ ବକର ର.ଅ ୧୩ ହିଜ୍‌ରୀରେ ଏକ ସୈନ୍ୟ ବାହିନୀ ସହିତ ହ. ଖାଲିଦ୍ ବିନ୍ ସଇଦ୍ ର.ଅଙ୍କୁ ପ୍ରେରଣ କରିଥିଲେ । ଏକ ବର୍ଣ୍ଣନାରୁ ଏହା ପ୍ରତିତ ହୁଏ ଯେ, ହ. ଅବୁ ବକର ର.ଅ ଯେତେବେଳେ ଧର୍ମଦ୍ରୋହୀମାନଙ୍କ ବିରୁଦ୍ଧରେ ୧୧ ଗୋଟି ସୈନ୍ୟଦଳ ପ୍ରସ୍ତୁତ କରି ପ୍ରେରଣ କଲେ ସେତେବେଳେ ହ. ଖାଲିଦ୍ ବିନ୍ ସଇଦ୍ ର.ଅଙ୍କୁ ମଧ୍ୟ ସିରୀୟା ସୀମାର ସୁରକ୍ଷା ନିମନ୍ତେ ତୈମା ଯିବା ପାଇଁ ଆଦେଶ ଦେଲେ ଏବଂ ପରବର୍ତ୍ତୀ ଆଦେଶ ନ ମିଳିବା ପର୍ଯ୍ୟନ୍ତ ନିଜ ସ୍ଥାନରୁ ନହଟିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

ହ. ଅବୁ ବକର ର.ଅ ରୋମୀୟମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ମଦିନାବାସୀଙ୍କ ବ୍ୟତୀତ ଅନ୍ୟ ଅଞ୍ଚଳର ମୁସଲମାନମାନଙ୍କୁ ମଧ୍ୟ ପ୍ରସ୍ତୁତ କରିବା ଆରମ୍ଭ କରିଦେଲେ ଏବଂ ଜିହାଦ୍‌ରେ ସାମିଲ୍ ହେବା ପାଇଁ ପ୍ରୋତ୍ସାହିତ କଲେ । ସୁତରାଂ ଏହି ଉଦ୍ଦେଶ୍ୟ ଯୋଗୁଁ ଆପଣ ର.ଅ ୟମନ୍‌ବାସୀଙ୍କ ନାମରେ ଏକ ପତ୍ର ମଧ୍ୟ ଲେଖିଲେ ଏବଂ ଉକ୍ତ ପତ୍ରକୁ ହ. ଅନସ୍ ବିନ୍ ମାଲିକ୍ ର.ଅଙ୍କ ହସ୍ତରେ ପ୍ରେରଣ କଲେ, ଆପଣ ର.ଅ ୟମନ୍‌ବାସୀଙ୍କୁ ପ୍ରଭାବଶାଳୀ ଢଙ୍ଗରେ ସନ୍ଦେଶ ପହଞ୍ଚାଇ ସାରିବା ପରେ ମଦିନା ଫେରି ନିଜ ଆଗମନର ଶୁଭ ସମାଚାର ହ. ଅବୁ ବକର ର.ଅଙ୍କୁ ପ୍ରଦାନ କଲେ ।

ଅପର ପକ୍ଷରେ ହ. ଖାଲିଦ୍ ବିନ୍ ସଇଦ୍ ର.ଅ ତୈମା ଠାରେ ପହଞ୍ଚି ସେହିଠାରେ ହିଁ ଅବସ୍ଥାନ କଲେ ଏବଂ ଆଖ ପାଖରେ ଥିବା ଅସଂଖ୍ୟ ଜମାଅତ୍ ତାଙ୍କ ସହିତ ଆସି ମିଶିଗଲେ । ରୋମୀୟମାନଙ୍କୁ ଯେତେବେଳେ ମୁସଲମାନମାନଙ୍କର ଏଭଳି ବିଶାଳ ସଂଖ୍ୟକ ସୈନ୍ୟବାହିନୀ ସଂପର୍କରେ ସୂଚନା ମିଳିଲା ସେତେବେଳେ ସେମାନେ ନିଜ ଅଧୀନସ୍ଥ ଥିବା ଆରବବାସୀଙ୍କ ସହିତ ସିରୀୟା ଯୁଦ୍ଧ ପାଇଁ ସୈନ୍ୟ ବରାଦ୍ କଲେ । ହ. ଅବୁ ବକର ର.ଅଙ୍କୁ ଲିଖିତ ଭାବରେ ତତ୍‌ସଂକ୍ରାନ୍ତୀୟ ସୂଚନା ଦେବା ପରେ ହ. ଅବୁ ବକର ର.ଅ ହ. ଖାଲିଦ୍ ବିନ୍ ସଇଦ୍ ର.ଅଙ୍କୁ ଲେଖିଲେ ଯେ, ! ହେ ଖାଲିଦ୍ ବିନ୍ ସଇଦ୍ ! ତୁମେ ଆଗକୁ ଅଗ୍ରସର ହେଉଥାଅ, ତିଳେ ମାତ୍ର ବିଚଳିତ ହୁଅ ନାହିଁ ଏବଂ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଲୋଡ଼ । ହ. ଖାଲିଦ୍ ବିନ୍ ସଇଦ୍ ର.ଅ ରୋମୀୟମାନଙ୍କ ଆଡ଼କୁ ଅଗ୍ରସର ହେଲେ ସତ' କିନ୍ତୁ ସେମାନଙ୍କର ବିକ୍ଷିପ୍ତ ହେବା ଯୋଗୁଁ ଆପଣ ର.ଅ ସେମାନଙ୍କ ସ୍ଥାନ ଅଧିକାର କରିନେଲେ । ସେହିପରି ଅନେକ ଲୋକମାନେ ଯେଉଁମାନେ ଆପଣ ର.ଅଙ୍କ ନିକଟରେ ଏକତ୍ରିତ ହୋଇଥିଲେ ସେମାନେ ସମସ୍ତେ ମୁସଲମାନ ହୋଇଗଲେ । ହ. ଅବୁ ବକର ର.ଅଙ୍କୁ ଏହାର ସୂଚନା ପ୍ରଦାନ କରିବା ପରେ ଏହି ଆଦେଶ ପ୍ରାପ୍ତ ହେଲା ଯେ, ହେ ଖାଲିଦ୍ ବିନ୍ ସଇଦ୍ ! ତୁମେ ଆଗକୁ ଅଗ୍ରସର ହୁଅ, କିନ୍ତୁ ଏତେ ଆଗକୁ ଅଗ୍ରସର ହୋଇଯିବ ନାହିଁ ଯେ, ଶତ୍ରୁକୁ ପଛ ପଟୁ ତୁମ ଉପରେ ଆକ୍ରମଣ କରିବାର ସୁଯୋଗ ପ୍ରାପ୍ତ ହୋଇଯିବ । ହ. ଖାଲିଦ୍ ବିନ୍ ସଇଦ୍ ର.ଅ ସୈନଦଳ ସହିତ ଅଗ୍ରସର ହୋଇ ବାହାନ୍ ନାମକ ପାଦ୍ରୀ ଓ ତା'ର ସୈନ୍ୟଦଳକୁ ପରାସ୍ତ କରି ଅନେକ ସୈନ୍ୟକୁ ବଧ କଲେ । ଅପର ପକ୍ଷରେ ବାହାନ୍ ପଳାୟନ କରି ଦମିଶ୍କ୍ ଠାରେ ଯାଇ ଆଶ୍ରୟ ନେଲା । ଏହାର ସୂଚନା ଦେଇ ଆପଣ ର.ଅ ହ. ଅବୁ ବକର ର.ଅଙ୍କ ଠାରୁ ଅତିରିକ୍ତ ସୈନ୍ୟ ଟୁକୁଡ଼ି ବରାଦ୍ କଲେ । ଫଳତଃ ହ. ଖାଲିଦ୍ ବିନ୍ ସଇଦ ର.ଅଙ୍କ ସାହାଯ୍ୟ ପାଇଁ ଜୈଶୁଲ୍ ବଦର୍ ନାମକ ଏକ ସୈନ୍ୟଦଳ ଆସି ପହଞ୍ଚିଥିଲା ।

ଏହାପରେ ମଧ୍ୟ ହ. ଅବୁ ବକର ର.ଅ ଲୋକମାନଙ୍କୁ ସିରୀୟା ଯୁଦ୍ଧ ପାଇଁ ପ୍ରୋତ୍ସାହିତ କରୁଥିଲେ । ସେହିପରି ହ. ୱଲିଦ୍ ବିନ୍ ଅତ୍‌ବା ର.ଅଙ୍କୁ ହ. ଅବୁ ବକର ର.ଅ ହ. ଖାଲିଦ୍ ବିନ୍ ସଇଦ୍ ର.ଅଙ୍କୁ ସାହାଯ୍ୟ ନିମନ୍ତେ ସିରୀୟା ପହଞ୍ଚିବା ପାଇଁ ଆଦେଶ ଦେଲେ । ଯେତେବେଳେ ହ. ଅତ୍‌ବା ର.ଅ ହ. ଖାଲିଦ୍ ବିନ୍ ସଇଦ୍ ର.ଅଙ୍କ ନିକଟରେ ପହଞ୍ଚିଲେ ସେତେବେଳେ ସେ କହିଲେ ଯେ, ମଦିନାବାସୀ ନିଜ ଭାଇମାନଙ୍କୁ ସାହାଯ୍ୟ କରିବା ପାଇଁ ଉତ୍ସୁକ ତଥା ବ୍ୟଗ୍ର ଅଟନ୍ତି ଏବଂ

ହ. ଅବୁ ବକର ର.ଅ ସୈନ୍ୟବାହିନୀ ପ୍ରେରଣ କରିବା ପାଇଁ ବ୍ୟବସ୍ଥା କରୁଛନ୍ତି । ଏହା ଶୁଣି ହ. ଅତ୍‌ବା ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇ ଉଠିଲେ ଏବଂ ତାଙ୍କ ଆନନ୍ଦର ସୀମା ନଥିଲା । ସେହି ଆନନ୍ଦର କାରଣ ଏହାଥିଲା ଯେ, ରୋମୀୟମାନଙ୍କ ବିଜୟର ଶ୍ରେୟ ତାଙ୍କୁ ପ୍ରାପ୍ତ ହେବ ଏବଂ ତାଙ୍କ ଭାଗ୍ୟରେ ଏହି ଗୌରବ ଆସିବ । ସୁତରାଂ ହ. ଖାଲିଦ୍ ବିନ୍ ସଇଦ୍ ର.ଅ ହ. ୱଲିଦ୍ ବିନ୍ ଅତ୍‌ବା ର.ଅଙ୍କୁ ସାଥିରେ ନେଇ ରୋମୀୟମାନଙ୍କ ବିଶାଳ ସେନାବାହିନୀ ଉପରେ ଆକ୍ରମଣ କରିବାକୁ ଚାହିଁଲେ ଯେଉଁ ସୈନ୍ୟବାହିନୀର ସେନାପତିତ୍ୱ ତାଙ୍କର ସେନାପତି ବାହାନ୍ କରୁଥିଲା । ଅତଏବ ହ. ଅତ୍‌ବା ର.ଅ ଆକ୍ରମଣ କରିବା ସମୟରେ ସଫଳତା ଓ ଉତ୍ସାହର ବଶବର୍ତ୍ତୀ ଉପସ୍ଥିତ ଖଲିଫାଙ୍କର ନିର୍ଦ୍ଦେଶକୁ ଅଣଦେଖା କରିଦେଲେ ଏବଂ ନିଜ ପଛ ଭାଗର ପ୍ରତିରକ୍ଷାରୁ ଅବଚେତନ ହୋଇଗଲେ ଏବଂ ଅନ୍ୟ ଅମୀରମାନଙ୍କ ପହଞ୍ଚିବା ପୂର୍ବରୁ ହିଁ ରୋମୀୟମାନଙ୍କ ସହିତ ଯୁଦ୍ଧ ଲଢିବା ଆରମ୍ଭ କରିଦେଲେ । ହ. ଅତ୍‌ବା ଶତ୍ରୁ ସୈନ୍ୟବାହିନୀର ଆଗକୁ ଅନୁପ୍ରବେଶ କରି ଚାଲିଲେ । ସେତେବେଳେ ଆପଣ ର.ଅଙ୍କ ସହିତ ୱଲିଦ୍ ବିନ୍ ଅତ୍‌ବା ର.ଅଙ୍କ ବ୍ୟତୀତ ହ. ଜୁଲ୍ କିଲାଅ ର.ଅ ଓ ହ. ଇକ୍ରମା ର.ଅ ମଧ୍ୟ ଥିଲେ । ହ. ଖାଲିଦ୍ ବିନ୍ ସଇଦ୍ ର.ଅଙ୍କୁ ଯେତେବେଳେ ଏହି ସୂଚନା ପ୍ରାପ୍ତ ହେଲା ଯେ, ତାଙ୍କର ପୁତ୍ର ଓ ସାଥିମାନେ ଶହୀଦ୍ ହୋଇଯାଇଛନ୍ତି ସେତେବେଳେ ସେ ସେଠାରୁ ପଳାୟନ କଲେ । ଏତଦ୍‌ପରେ ତାଙ୍କର ଅନେକ ସାଥିମାନେ ମଧ୍ୟ ସୈନ୍ୟବାହିନୀ ଠାରୁ ବିଚ୍ଛିନ୍ନ ହୋଇଗଲେ । କିନ୍ତୁ ହ. ଇକ୍ରମା ର.ଅ ନିଜ ସ୍ଥାନରୁ ହଟିଲେ ନାହିଁ ବରଂ ମୁସଲମାନମାନଙ୍କର ସାହାଯ୍ୟ କରୁଥିଲେ ଏବଂ ବାହାନ୍ ଓ ତା'ର ସୈନ୍ୟବାହିନୀମାନଙ୍କୁ ହ. ଖାଲିଦ୍ ବିନ୍ ସଇଦ୍ ର.ଅଙ୍କ ପିଛା କରିବାରୁ ନିବୃତ୍ତ ରଖିଲେ । ଫଳତଃ ସେ ପରାଜୟ ସ୍ୱୀକାର କରି ମକ୍କା ଓ ମଦିନା ମଧ୍ୟବର୍ତ୍ତୀ ଜୁଲ୍ ମର୍‌ୱା ନାମକ ଏକ ସ୍ଥାନରେ ପହଞ୍ଚିଗଲେ । କିନ୍ତୁ ପରେ ଯେତେବେଳେ ହ. ଅବୁ ବକର ର.ଅଙ୍କୁ ଏ ସଂପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ର.ଅ ହ. ଖାଲିଦ୍ ବିନ୍ ସଇଦ୍ ର.ଅଙ୍କ ଉପରେ କ୍ଷୋଭ ପ୍ରକାଶ କଲେ ଏବଂ ତାଙ୍କୁ ମଦିନାରେ ପ୍ରବେଶ କରିବାକୁ ଅନୁମତି ପ୍ରଦାନ କଲେ ନାହିଁ । କିନ୍ତୁ ପରବର୍ତ୍ତୀ ସମୟରେ ପ୍ରବେଶ କରିବାକୁ ଅନୁମିତ ମିଳିବାରୁ ହ. ଖାଲିଦ୍ ବିନ୍ ସଇଦ୍ ର.ଅ ମଦିନାରେ ପ୍ରବେଶ କରି ଏବଂ ହ. ଅବୁ ବକର ର.ଅଙ୍କ ଠାରୁ ନିଜର ଏଭଳି ପଦକ୍ଷେପ ଓ ଆଚରଣ ପାଇଁ କ୍ଷମା ମାଗିଥିଲେ ।

ହ. ଖାଲିଦ୍ ବିନ୍ ସଇଦ୍ ର.ଅଙ୍କ ଏହି ଅସଫଳତା ସତ୍ତ୍ୱେ ହ. ଅବୁ ବକର ର.ଅଙ୍କ ଦୃଢ ତଥା ଅଦମ୍ୟ ସାହାସରେ କୌଣସି ତାରତମ୍ୟ ପରିଲକ୍ଷିତ ହୋଇ ନଥିଲା । ଯେତେବେଳେ ହ. ଅବୁ ବକର ର.ଅଙ୍କୁ ଏହି ସୂଚନା ପ୍ରାପ୍ତ ହେଲା ଯେ, ହ. ଇକ୍ରମା ଓ ହ. ଜୁଲ୍ କିଲାଅ ଇସ୍‌ଲାମୀୟ ସୈନ୍ୟବାହିନୀକୁ ଶତ୍ରୁ କବଳରୁ ଉଦ୍ଧାର କରି ସିରୀୟାର ସୀମାବର୍ତ୍ତୀ ଅଞ୍ଚଳକୁ ଫେରାଇ ଆଣିଛନ୍ତି ଏବଂ ସେଠାରେ ସାହାଯ୍ୟ ଅପେକ୍ଷାରେ ଅପେକ୍ଷରତ ଅଛନ୍ତି ସେତେବେଳେ ହ. ଅବୁ ବକର ର.ଅ କାଳବିଳମ୍ବ ନକରି ତୁରନ୍ତ ଏକ ସୈନ୍ୟ ଟୁକୁଡ଼ି ପ୍ରେରଣ କରିବା ପାଇଁ ବ୍ୟବସ୍ଥା କଲେ । ତେବେ ସେହି ସମୟରେ ହ. ଅବୁ ବକର ର.ଅ ୪ଟି ବିଶାଳ ସୈନ୍ୟବାହିନୀ ପ୍ରସ୍ତୁତ କଲେ ଏବଂ ସେମାନଙ୍କୁ ସିରୀୟାର ବିଭିନ୍ନ ଅଞ୍ଚଳ ଅଭିମୁଖେ ପ୍ରେରଣ କରିଥିଲେ। ଉକ୍ତ ପ୍ରେରିତ ସୈନ୍ୟଦଳ ମଧ୍ୟରେ ପ୍ରଥମ ସୈନ୍ୟବାହିନୀ ହ. ୟଜିଦ୍ ବିନ୍ ସୁଫିୟାନ୍ ର.ଅଙ୍କ ନେତୃତ୍ୱରେ ପ୍ରସ୍ଥାନ କରିଥିଲା । ଏହି ସୈନ୍ୟବାହିନୀର ଉଦ୍ଦେଶ୍ୟ ଏହା ଥିଲା ଯେ, ଦମିଶକ୍‌ର ବିଜୟ ଏବଂ ଅନ୍ୟ ତିନି ସୈନ୍ୟବାହିନୀଙ୍କୁ ସାହାଯ୍ୟ କରିବା । ଇତ୍ୟବସରରେ ହ. ୟଜିଦ୍ ବିନ୍ ସୁଫିୟାନ୍ ର.ଅଙ୍କୁ ଉପଦେଶ ଦେଇ ହ. ଅବୁ ବକର ର.ଅ କହିଲେ : ଲୋକମାନଙ୍କ ମଧ୍ୟରେ ଅଲ୍ଲାଃତାଲାଙ୍କ ନିକଟରେ ସର୍ବାଧିକ ନିକଟବର୍ତ୍ତୀ ହେଉଛି ସେହି ବ୍ୟକ୍ତି ଯିଏ ନିଜର କର୍ମ ଓ ଆଚରଣ ମାଧ୍ୟମରେ ସର୍ବାଧିକ ରୂପେ ତାହାଙ୍କ ସାମୀପ୍ୟତା ପ୍ରାପ୍ତ କରିଥାଏ । ତେଣୁ ତୁମେମାନେ ଯେତେବେଳେ ନିଜ ସୈନ୍ୟବାହିନୀଙ୍କ ନିକଟରେ ପହଞ୍ଚ ସେତେବେଳେ ତୁମେ ସେମାନଙ୍କ ପ୍ରତି ସଦ୍‌ବ୍ୟବାହର ପ୍ରଦର୍ଶନ କର । ସେମାନଙ୍କ ପ୍ରତି ଭଦ୍ରତାର ସହିତ ସୌଜନ୍ୟତାମୂଳକ ଆଚରଣ ପ୍ରଦର୍ଶନ କର ଏବଂ ଯେତେବେଳେ ସେମାନଙ୍କୁ ଉପଦେଶ ଦିଅ ସେତେବେଳେ ସଂକ୍ଷିପ୍ତ ଉପଦେଶ ଦେବ । କାରଣ ଅତ୍ୟଧିକ ବାର୍ତ୍ତାଳାପ ଅନେକ କଥାକୁ ପାସୋରି ଦେଇଥାଏ । ତେଣୁ ତୁମେ ଯଦି ନିଜକୁ ସଠିକ୍ ରଖିବ ତେବେ ଲୋକମାନେ ମଧ୍ୟ ଆପେଆପେ ଠିକ୍ ହୋଇଯିବେ । ନମାଜ୍‌କୁ ଯଥାସମୟରେ ରୁକୁ ଓ ସିଜ୍‌ଦା ସହିତ ସମ୍ପାଦନ କରିବା ଉଚିତ । ନମାଜ୍ ସଂପୂର୍ଣ୍ଣ ବିନମ୍ର ଓ ବିନୀତତାର ସହିତ ସମ୍ପାଦନ କରିବ ଏବଂ ଶତ୍ରୁ ପକ୍ଷର ରାଜଦୂତ ଯେତେବେଳେ ତୁମ ନିକଟକୁ ଆସନ୍ତି ସେତେବେଳେ ତୁମେ ସେମାନଙ୍କୁ ନିଜ ନିକଟରେ ଅଧିକ ସମୟ ପାଇଁ ରଖ ନାହିଁ ବରଂ ଯଥାଶୀଘ୍ର ତାଙ୍କୁ  ବିଦା କରିଦିଅ । ସେହି ରାଜଦୂତକୁ ନିଜର ସୈନ୍ୟବାହିନୀ ମଧ୍ୟରେ ରଖିବା ଏବଂ ଲୋକେମାନଙ୍କୁ ସେହି ରାଜଦୂତଙ୍କ ସହିତ ବାର୍ତ୍ତାଳାପ କରିବାରୁ ବିରତ ରହିବ ଉଚିତ୍ । ପୁନଶ୍ଚ ତୁମେ ଯେତେବେଳେ ସେହି ରାଜଦୂତ ସହିତ କଥୋପକଥନ ହୁଅ ସେତେବେଳେ ତୁମେ ନିଜର ରହସ୍ୟକୁ ତା' ଆଗରେ ପ୍ରକାଶ କର ନାହିଁ । ଅନ୍ୟଥା ତୁମର ପ୍ରସଙ୍ଗ ଅପମିଶ୍ରିତ ହୋଇଯିବ ଓ ତୁମର ଗୁମର ଫିଟିଯିବ ଅର୍ଥାତ ତୁମକୁ କ୍ଷତି ସହ୍ୟ କରିବାକୁ ପଡ଼ିବ । ଫଳତଃ

ଏହାର ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ । ଯେଉଁ ବ୍ୟକ୍ତି ଠାରୁ ତୁମେ ପରାମର୍ଶ ଗ୍ରହଣ କର ତେବେ ସେହି ବ୍ୟକ୍ତିକୁ ନିଜର ସମସ୍ତ କଥା ଦ୍ୱାରା ଅବଗତ କରାଇବା ଉଚିତ୍ । କାରଣ ସେ ଯେପରି ସଠିକ୍ ପରାମର୍ଶ ପ୍ରଦାନ କରିବ ଏବଂ ତୁମକୁ ଖୁବ୍ କମ୍ କ୍ଷତି ସହ୍ୟ କରିବାକୁ ପଡ଼ିବ । ରାତ୍ର ସମୟରେ ନିଜ ବନ୍ଧୁ ତଥା ସାଙ୍ଗସାଥୀମାନଙ୍କ ସହିତ ପରାମର୍ଶ କର । ଫଳତଃ ତୁମକୁ ଅନେକ ଘଟଣା ସଂପର୍କରେ ଆବଶ୍ୟକୀୟ ସୂଚନା ପ୍ରାପ୍ତ ହେବ । ସୁରକ୍ଷା ସୈନ୍ୟ ଟୁକୁଡ଼ିରେ ଅଧିକ ବ୍ୟକ୍ତିଙ୍କୁ ରଖିବା ଏବଂ ସେମାନଙ୍କୁ ନିଜ ସୈନ୍ୟ ବାହିନୀ ମଧ୍ୟରେ ଖେଳାଇ ଦେବା ଉଚିତ୍ ଏବଂ ସେମାନଙ୍କୁ କୌଣସି ସୂଚନା ନଦେଇ ହଠାତ୍ ସେମାନଙ୍କ ନିପୁଣତାର ନିରୀକ୍ଷଣ କରିବା ଉଚିତ । ଯେଉଁ ବ୍ୟକ୍ତିକୁ ଏ ପ୍ରସଙ୍ଗରେ ନିଜର ସୁରକ୍ଷା ସ୍ଥାନରେ ଏବଂ କାର୍ଯ୍ୟରେ ଅବହେଳା କରୁଥିବାର ଦୋଷୀ ପାଅ ତେବେ ତାହାକୁ କଠୋର ଶାସ୍ତି ଦିଅ ବା ତା' ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର । କିନ୍ତୁ ଦଣ୍ଡ ଦେବା ସମୟରେ କ୍ରୁରତା ଅବଲମ୍ବନ କରିବ ନାହିଁ । ରାତ୍ରର ପ୍ରାଥମିକ ପ୍ରହରର ଡିୟୁଟି ସମୟକୁ ଅଧିକ ଦୀର୍ଘ ରଖ । କାରଣ ରାତ୍ରର ପ୍ରଥମ ପ୍ରହରରେ ଅଧିକ ସମୟ ପର୍ଯ୍ୟନ୍ତ ବ୍ୟକ୍ତି ଜାଗ୍ରତ ଅବସ୍ଥାରେ ରହିପାରେ ଏବଂ ଏହା ତା' ପକ୍ଷେ ସହଜ ସାଧ୍ୟ । ଏବଂ ରାତ୍ରର ଶେଷ ପ୍ରହରର ଡିୟୁଟିର ପାଳିକୁ କମ୍ ରଖାଯାଉ । ଶାସ୍ତିଯୋଗ୍ୟ ବ୍ୟକ୍ତିକୁ ଶାସ୍ତି ଦେବାରୁ ଭୟଭୀତ ହେବ ନାହିଁ ଏବଂ ତା' ପ୍ରତି ନମ୍ରତା ପ୍ରଦର୍ଶନ କରିବ ନାହିଁ । ଦଣ୍ଡ ଦେବା ବେଳେ ଶୀଘ୍ରତା ପ୍ରଦର୍ଶନ କର ନାହିଁ ଏବଂ ନା ହିଁ ଅଣଦେଖା କର । ପୁନଶ୍ଚ କହିଲେ ଯେ, ନିଜ ସୈନ୍ୟବାହିନୀ ଠାରୁ ଅବଚେତନ ରୁହ ନାହିଁ । କାରଣ ଏପରି କରିବା ଦ୍ୱାରା ସେମାନେ ଖରାପ ହୋଇଯିବେ ଏବଂ ସେମାନଙ୍କର ଗୁପ୍ତଚର ବୃତ୍ତି କରି ସେମାନଙ୍କୁ ତିରସ୍କୃତ ଏବଂ ଲଜ୍ଜିତ କର ନାହିଁ । ଦଣ୍ଡିତ ବ୍ୟକ୍ତିଙ୍କ ଗୋପନୀୟ କଥାକୁ ଅନ୍ୟ ବ୍ୟକ୍ତିଙ୍କ ସମ୍ମୁଖରେ ପ୍ରକାଶ କର ନାହିଁ । ଦୋଷୀର ପ୍ରକାଶ୍ୟମୂଳକ ଆଚରଣକୁ ଯଥେଷ୍ଟ ବୋଲି ମନେକରିବା ଏବଂ ବାଜ୍ୟ ପ୍ରକାରର ବ୍ୟକ୍ତିଙ୍କ ସହିତ ଉଠାବସା କରିବା ବର୍ଜନୀୟ ଅଟେ । ସତ୍ୟ ଏବଂ ବିଶ୍ୱସ୍ତ ଲୋକମାନଙ୍କ ସାହଚାର୍ଯ୍ୟତା ଅବଲମ୍ବନ କରିବା ଉଚିତ । ଶତ୍ରୁ ସହିତ ମୁହାଁମୁହିଁ ପରସ୍ଥିତି ସମୟରେ ଅଟଳ ରହିବା ଉଚିତ୍ । ଅନ୍ୟଥା ଲୋକମାନେ ବା ସୈନ୍ୟବାହିନୀ ମଧ୍ୟ ଭୀରୁ ବା କାପୁରୁଷ ପାଲଟିଯିବେ । ମାଲେ ଗନିମତ୍ (ଯୁଦ୍ଧରୁ ପ୍ରାପ୍ତ ଧନରତ୍ନ)ରେ ସର୍ବଦା ବିଶ୍ୱାସଘାତକତା କରିବାରୁ ବର୍ତ୍ତି ରହିବା ଉଚିତ । କାରଣ ଏପରି କରିବା ଦ୍ୱାରା ବ୍ୟକ୍ତି ଅଭାବି ଏବଂ ଦାରିଦ୍ର୍ୟତାର ଶିକାର ହୋଇଥାଏ ଓ ବିଜୟ ତଥା ସାହାଯ୍ୟକୁ ଅବରୋଧ କରିଦେଇଥାଏ । ହୁଜୁର ଅନୱର ଅ.ବ କହିଲେ ଏହି କାର୍ଯ୍ୟସୂଚୀ ହେଉଛି ପ୍ରତ୍ୟେକ ନେତା, ପ୍ରତ୍ୟେକ ପଦାଧିକାରୀଙ୍କ ନିମନ୍ତେ କାର୍ଯ୍ୟ କରିବା ପାଇଁ ଏବଂ କାର୍ଯ୍ୟାନୁସରଣ କରିବା ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ ।

ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିବା ଦ୍ୱିତୀୟ ସୈନ୍ୟବାହିନୀ ମଧ୍ୟରୁ ଏବଂ ସେହିପରି ଖିଲାଫତେ ରାଶିଦା (ଆଁହଜରତ ସ.ଅଙ୍କ ଚାରି ଖଲିଫା)ଙ୍କ ବିଖ୍ୟାତ ସେନାପତି ହ. ଶର୍ ହୁବୈଲ ବିନ୍ ହସ୍‌ନାଙ୍କର ଥିଲା । ଅପର ପକ୍ଷରେ ତୃତୀୟ ସୈନ୍ୟ ବାହିନୀ ଇସ୍‌ଲାମ୍ ଧର୍ମର ସନ୍ତକ ରକ୍ଷକ ଓ ଅଶ୍ରା ମୁବଶ୍ଶରାଙ୍କ ମଧ୍ୟରୁ ଅନ୍ୟତମ ସୌଭାଗ୍ୟଶାଳୀ ବ୍ୟକ୍ତି ହ. ଅବୁ ଉବୈଦାହ୍ ବିନ୍ ଅଲ୍ ଜର୍ରାହ୍ ର.ଅଙ୍କର ଥିଲା । ହ. ଅବୁ ବକର ର.ଅ ହ. ଅବୁ ଉବୈଦାହ୍ ର.ଅଙ୍କ ସହିତ ଆରବର ବିଖ୍ୟାତ ଅଶ୍ୱାରୋହୀଙ୍କ ମଧ୍ୟରୁ ଜଣେ ବରିଷ୍ଠ ଏବଂ ମହାନ ମର୍ଯ୍ୟାଦାସମ୍ପନ୍ନ ବ୍ୟକ୍ତି ହ. କୈସ୍ ବିନ୍ ହୁବୈରାହ୍‌ଙ୍କୁ ମଧ୍ୟ ପ୍ରେରଣ କରିଥିଲେ । ହୁଜୁର ଅନୱର୍ ଅ.ବ କହିଲେ: ହ. ଅବୁ ବକର ର.ଅଙ୍କ ସଂପର୍କିତ ଚର୍ଚ୍ଚା **ଇନ୍‌ଶାଅଲ୍ଲାଃ** ଆସନ୍ତାରେ ମଧ୍ୟ ଜାରି ରହିବ । ସେଥିଅନ୍ତେ ହୁଜୁର ଅନୱର ଅ.ବ କହିଲେ: ଚଳିତ ମାସ ବିଗତ ସପ୍ତାହ ତା ୧୨-୮-୨୨ରିଖ ଦିନ ରବ୍‌ୱା ଦାରୁର୍ ରହେମତ୍‌ର ନିବାସୀ ଓ ସମ୍ମାନନୀୟ ଅବ୍‌ଦୁଲ୍ ଗନି ସାହେବଙ୍କର ସୁପୁତ୍ର ସମ୍ମାନନୀୟ ସ୍ୱର୍ଗତ ନସୀର୍ ଅହମଦ ସାହେବଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ଶହୀଦ୍ କରିଦେଇଛନ୍ତି । **ଇନ୍ନା ଲିଲ୍ଲାଃହି ୱଇନ୍ନା ଇଲୈହି ରାଜିଉନ୍** । ହୁଜୁର ଅନୱର୍ ଅ.ବ ଶହୀଦ୍‌ଙ୍କ ଉତ୍ତମ ଚର୍ଚ୍ଚା କରି ନମାଜ ଜୁମା ପରେ ତାଙ୍କର ନମାଜ ଯନାଜାଃ ଗାଏବ ପଢେଇବାର ମଧ୍ୟ ଘୋଷଣା କଲେ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ଯହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ଯୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍।**

.....................................

KHULASA KHUTBA JUMA HUZOOR ANWAR a.b.a

19th Aug 2022